# ଭତ୍ତା ଆବେଦନ କରିଛନ୍ତି ୨୫୦୦; ପାଇଲେ ୨୫୦

## ମଧୁବାବୁ ପେନ୍‌ସନ ଯୋଜନା ମଞ୍ଜୁର ନେଇ ଅସନ୍ତୋଷ

ନିଶ୍ଚିନ୍ତକୋଇଲି, ୧୨।୬(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଭିନ୍ନ ଭତ୍ତା ମଞ୍ଜୁର ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଶୁକ୍ରବାର ମାହାଙ୍ଗା ବିଧାୟକଙ୍କ ଦ୍ୱାରା ୨୫୦ ନୂତନ ଭତ୍ତା ବଣ୍ଟନକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ବିଜେପି ସରକାର ଆସିବା ପରେ ବିଗତ ୨ ବର୍ଷ ହେବ ଏହି ବ୍ଲକ ଅଞ୍ଚଳରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ, ସ୍ୱାମୀ ପରିତ୍ୟକ୍ତା ଓ ଅବିବାହିତା ଭତ୍ତା ପାଇଁ ମୋଟ ୨୫୦୦ ଜଣ ଯୋଗ୍ୟ ହିତାଧିକାରୀ ଆବେଦନ କରିଛନ୍ତି। ବିଗତ ୨ ବର୍ଷ ମଧ୍ୟରେ ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ଭତ୍ତା ମଞ୍ଜୁର ହୋଇ ନଥିବାକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ରହିଥିବା ବେଳେ ହଠାତ୍ ବିଧାୟକ ସମୁଦାୟ ଆବେଦନକାରୀଙ୍କ ମଧ୍ୟରୁ ୧୦ ଭାଗରୁ ୧ ଭାଗ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ପାତ୍ରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ୨୫୦ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ବିଧବା ଭତା ୧୦୧ଟି, ବାର୍ଦ୍ଧକ୍ୟ ଜନିତ ଭତ୍ତା ୯୫ଟି, ଦିବ୍ୟାଙ୍ଗ ଭତ୍ତା ୨୮ଟି, ସ୍ୱାମୀ ପରିତ୍ୟକ୍ତା ଭତ୍ତା ୧୭ଟି ଓ ଅବିବାହିତ ଭତ୍ତା ୯ଟି ରହିଥିବା ଜଣାଯାଇଛି। ଯେଉଁ ବୃଦ୍ଧବୃଦ୍ଧାଙ୍କୁ ୬୬ ବର୍ଷରୁ ଅଧିକ କେବଳ ସେହିମାନଙ୍କ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହୋଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି। ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏହି ବ୍ଲକ ଅଧୀନରେ ଥିବା ୨୭ଟି ପଞ୍ଚାୟତରେ ଉକ୍ତ ଭତ୍ତା ପ୍ରଦାନ କରାଯାଇଥିବା ବେଳେ କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏହି ବ୍ଲକ ଅଧୀନରେ ଥିବା ୧୪ଟି ପଞ୍ଚାୟତରେ ଅଦ୍ୟାବଧି ନୂଆ ଭତ୍ତା ପ୍ରଦାନ କରାଯାଇ ନାହିଁ। ଫଳରେ ଭତ୍ତାରୁ ବଞ୍ଚିତ ହିତାଧିକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସଦର ନିର୍ବାଚନମଣ୍ଡଳୀରେ ମୋଟ ୧୩୩ଟି ନୂତନ ଭତ୍ତା ହିତାଧିକାରୀଙ୍କୁ ଏଯାଏ ସହାୟତା ରାଶି ବଣ୍ଟନରୁ ବଞ୍ଚିତ କରାଯାଇଛି। ସମ୍ପୃକ୍ତ ନୂତନ ହିତାଧିକାରୀମାନଙ୍କୁ କେବଳ ଜୁନ୍ ମାସର ଭତ୍ତା ପ୍ରଦାନ କରାଯାଇଥିବା ଜଣାଯାଇଛି। ଏହାଛଡା ଏହି ବ୍ଲକ ଅଞ୍ଚଳରେ ଅଦ୍ୟାବଧି ୧୦ ହଜାର ହିତାଧିକାରୀ ୩ ମାସର ଭତ୍ତା ପାଇ ନଥିବା ନେଇ ଅଭିଯୋଗ କରିଛନ୍ତି। ରାତି ପାହିଲେ ରଜ ଉତ୍ସବ ହୋଇଥିବାରୁ ଉକ୍ତ ହିତାଧିକାରୀମାନଙ୍କର ଖର୍ଚ୍ଚ କରିବା ପାଇଁ ପାଖରେ ଟଙ୍କାଟିଏ ନଥିଲା ବେଳେ ସେମାନେ ଦୟନୀୟ ଅବସ୍ଥାରେ ଚଳୁଛନ୍ତି। ବିଗତ ୩ ମାସ ହେବ ଭତ୍ତା ନପାଇ ହିତାଧିକାରୀମାନେ ଔଷଧ ଖାଇବାକୁ ନପାଇ ହଇରାଣ ହରକତ ହେଉଥିବା ଦେଖାଯାଇଛି। ସେମାନଙ୍କୁ କେବେ ଭତ୍ତା ମିଳିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ବହୁ ହିତାଧିକାରୀ। ଡବଲ ଇଞ୍ଜିନ ସରକାରଙ୍କ ପକ୍ଷରୁ ତୁରନ୍ତ ଏହି ହିତାଧିକାରୀମାନଙ୍କୁ ସହାୟତା ରାଶି ବଣ୍ଟନ କରିବାକୁ ଦାବି ହେଉଛି।

# ଭତ୍ତା ପ୍ରଦାନରେ ଚଞ୍ଚକତା; କୋଟିପତି ମହିଳାଙ୍କୁ ଭତ୍ତା ଦେଇ ଚର୍ଚ୍ଚାରେ ସାରଦା

ଭଦ୍ରେଶ୍ୱର, ୧୨।୬(ସମିସ): ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ଭତ୍ତା ପ୍ରଦାନରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ମାହାଙ୍ଗାର ସ୍ଥାନୀୟ ବିଧାୟକ ଜଣେ କୋଟିପତି ମହିଳାଙ୍କୁ ଭତ୍ତା ପ୍ରଦାନ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ମାହାଙ୍ଗା ବ୍ଲକ ପ୍ରଶାସନ ତରଫରୁ ପ୍ରତିଭା ଭବନରେ ନୂତନ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗାର ସ୍ଥାନୀୟ ବିଧାୟକ ସାରଦା ପ୍ରଧାନ ଯୋଗଦାନ କରିଥିଲେ। ଶ୍ରୀ ପ୍ରଧାନ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତର ଅସହାୟ, ବିଧବା, ବିଦ୍ୟାଙ୍ଗ ଓ ବୃଦ୍ଧବୃଦ୍ଧାଙ୍କୁ ନୂତନ ଭତ୍ତା ବଣ୍ଟନ କରିଥିଲେ। ଏହି ବ୍ଲକର ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ



ଝାଡେଶ୍ୱରପୁର ଗ୍ରାମର ଜଣେ ଅବିବାହିତା ମହିଳାଙ୍କ ନାମରେ ନିଶ୍ଚିନ୍ତକୋଇଲି ତହସିଲ ଗୋପପୁର ମୌଜାର ଖାତା ନଂ ୩୧୯, ପ୍ଲଟ ନଂ ୧୪୭୫ରେ ୭ ଗୁଣ୍ଠରୁ ଅଧିକ ଜମି ରହିଛି। ଏହି ଜମିଟି କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜାର ସନ୍ନିକଟରେ ରହିଛି। ଏହି ପ୍ଲଟ ଉପରେ ଏକ ବିଶାଳ କୋଠାଘର ନିର୍ମାଣ କରାଯାଇ ଭଡା ସୂତ୍ରରେ ଦିଆଯାଇଛି। ତେବେ ଏହି ମହିଳାଙ୍କୁ ବିଧାୟକ ଆଜି ନୂତନ ଭତ୍ତା ପ୍ରଦାନ କରିଥିଲେ। ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା। ସେପଟେ ଏହି ବ୍ଲକ ଅଞ୍ଚଳରେ ବହୁ ଅସହାୟ ଗରିବ ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗ ଓ ବିଧବା ନୂତନ ଭତ୍ତା ପାଇ ନପାରି ଚରମ ହଟହଟାର ସମ୍ମୁଖୀନ ହେଉଥିବା ବେଳେ ବିଧାୟକ କେଉଁ ପରିସ୍ଥିତିରେ ଜଣେ କୋଟିପତି ମହିଳାଙ୍କୁ ଭତ୍ତା ପ୍ରଦାନ କଲେ ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। କଟକ ଜିଲ୍ଲାପାଳ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଇଲେ ବହୁ ଲୁକ୍କାୟିତ ଦୁର୍ନୀତିର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

● ମହିଳା ବେଶରେ ପତ୍ନୀକୁ ଆକ୍ରମଣ ଘଟଣା

# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ, ସ୍ୱାମୀ ଜେଲ୍‌ରେ

ନିଶ୍ଚିନ୍ତକୋଇଲି, ୧୨।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରାସ୍ତାରେ ଗତ ବୁଧବାର ରାକେଶ କୁମାର ରାଉତ ମହିଳା ବେଶରେ ଆସି ତାଙ୍କ ପତ୍ନୀ ନିର୍ମଳା ଲେଙ୍କାଙ୍କୁ ଆକ୍ରମଣ କରିଥିଲେ। ଏହାସହ ଏକ ରାସାୟନିକ ତରଳ ପଦାର୍ଥ ମାଡ଼ କରି ତାଙ୍କ ସ୍କୁଟି ଛଡ଼ାଇ ନେଇଥିଲେ। ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ଏହାର ତଦନ୍ତ କରାଯାଇ ସ୍ୱାମୀଙ୍କ ନାଁରେ ମାମଲା ରୁଜୁ କରାଯାଇ ଗୁରୁବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ସ୍ୱାମୀ ଯେଉଁ ତରଳ ପଦାର୍ଥ ମାଡ କରିଥିଲେ ସେଥିରେ ସ୍ତ୍ରୀ ଆଂଶିକ ଆହତ ହୋଇଥିବା ବେଳେ ତାଙ୍କ ସ୍କୁଟିରେ ପଡ଼ିଥିବା ତରଳ ପଦାର୍ଥ ପ୍ରଭାବରେ ସ୍କୁଟିରୁ ରଙ୍ଗ ଛାଡିଯାଇଥିବା ଦେଖିବାକୁ ମିଳିଥିଲା। ମାଡ ହୋଇଥିବା ତରଳ ପଦାର୍ଥ କେଉଁ ଜାତୀୟ ତାହାକୁ ଜାଣିବା ପାଇଁ ଏକ ସାଇଣ୍ଟିଫିକ୍ ଟିମ୍ ନିଶ୍ଚିନ୍ତକୋଇଲି ଥାନାରେ ପହଞ୍ଚି ସ୍କୁଟିକୁ ପରୀକ୍ଷା ନିରୀକ୍ଷା କରିବା ସହିତ ଘଟିଥିବା ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଜାଗାକୁ ତନଖି କରି ତାହାର ଫଟୋ ଉତ୍ତୋଳନ କରିନେଇଥିବା ଜଣାଯାଇଛି। ଏଠାରେ ସୂଚନାଯୋଗ୍ୟ, ବିଗତ ୨ ବର୍ଷ ହେବ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖାଯାଇଥିବାରୁ ସ୍ୱାମୀ ଏଭଳି କାଣ୍ଡ ଘଟାଇଥିଲା। ପୁଲିସର ତଦନ୍ତରୁ ଏହାର ସତ୍ୟତା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନି ନାମଞ୍ଜୁର ହେବାରୁ କୋର୍ଟ ହାଜାତକୁ ପଠାଇ ଦିଆଯାଇଥିଲା।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଦୋକାନ ଉଚ୍ଛେଦ

ଟାଙ୍ଗୀ, ୧୨।୬(ସମିସ): ଟାଙ୍ଗୀ କପିଳାସ ବାଇପାସ୍ ଟାଙ୍ଗୀ ବଜାର ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଶୁକ୍ରବାର ଦୋକାନ ଉଚ୍ଛେଦ ହୋଇଛି। ପୂର୍ବ ସରକାର ସମୟରେ ବାଇପାସ୍ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଅନୁଦାନ ଆସିଥିଲା। କିଛି ରାସ୍ତାକାମ କରାଯାଇ ଅଟକିଲା। ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନ ଥିବାରୁ ରାସ୍ତା



ଅଣଓସାରିଆ ଥିବାରୁ ବାଟୋଇ ଯିବା ଆସିବା କରିବାରେ ଅସୁବିଧା ଭୋଗୁଛନ୍ତି। ଶୁକ୍ରବାର ପୋଲିସ ପ୍ରଶାସନ ଓ ତହସିଲଦାର ଉପସ୍ଥିତରେ କିଛି ଦୋକାନ ଉଚ୍ଛେଦ ହୋଇଥିବା ବେଳେ ଅବଶିଷ୍ଟ ଆଗାମୀ ଦିନରେ ଉଚ୍ଛେଦ କରାଯାଇ ରାସ୍ତା ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି।

# ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବି

ତିଗିରିଆ, ୧୨।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମପଞ୍ଚାୟତର ସରପଞ୍ଚ ସୁଶ୍ରୀ ଚାମେଲି ଓଝାଙ୍କୁ ଅନ୍ୟାୟ ଭାବେ ଗିରଫ କରାଯାଇଥିବା ଘଟଣାର ନିରପେକ୍ଷ ତଦନ୍ତ ଏବଂ ନ୍ୟାୟ ପ୍ରଦାନ ସମ୍ପର୍କରେ ତିଗିରିଆ ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଶୁକ୍ରବାର



ତିଗିରିଆ ବ୍ଲକ ବିଡ଼ିଓଙ୍କୁ ଭେଟିବା ସହ ଏଥିନେଇ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିପତ୍ରରେ ସୁଶ୍ରୀ ଓଝା ନିଜ ପଞ୍ଚାୟତର ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ ଉପସ୍ଥାପନ କରିବା ସହିତ ସେ ସମ୍ବନ୍ଧରେ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ଯାଇଥିବା ବେଳେ ତାଙ୍କୁ ଅସୌଜନ୍ୟମୂଳକ ବ୍ୟବହାର କରିବା ତଥା ପରବର୍ତ୍ତୀ ସମୟରେ ଗିରଫ କରିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ସମ୍ପୃକ୍ତ ଘଟଣାର ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଭ୍ୟା ସସ୍ମିତା ରାଉତ, ଦମୟନ୍ତୀ ପ୍ରଧାନ, ପ୍ରୀତିମୟୀ ପଣ୍ଡା, ସୁଜାତା ସ୍ୱାଇଁ, ପ୍ରତାପ କୁମାର ଜେନା ତଥା ତିଗିରିଆ ବ୍ଲକ ଅଧୀନ ୧୪ଟି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଉପସ୍ଥିତ ଥିଲେ।

● ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

# ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ରାସ୍ତାରୋକ

ସାଲେପୁର, ୧୨।୬(ସମିସ): ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଖାଲିପଡ଼ିଥିବା ଡାକ୍ତର ପଦ ପୂରଣ ହେଉ ନଥିବାରୁ ରୋଗୀ ହଟହଟା ହେଉଛନ୍ତି। ଡାକ୍ତର ପଦ ପୂରଣ ଦାବିରେ ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ପକ୍ଷରୁ ସାଲେପୁରରେ ୬ ଘଣ୍ଟିଆ ଅଖବନ୍ଦ ଚକ ବନ୍ଦ କରାଯାଇଥିଲା। ଆନ୍ଦୋଳନକାରୀମାନେ ମୁଖ୍ୟରାସ୍ତା ଅବରୋଧ କରି ବିପର୍ଯ୍ୟସ୍ତ ଚିକିତ୍ସା ବ୍ୟବସ୍ଥାର ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସାମିଲ ହେବା ସହ କଂଗ୍ରେସ ନେତା ଆକ୍ୟୁବ୍ ଖାଁ ସମର୍ଥନ କରିଥିଲେ। ଆଜି ଏକାଧିକ ରାଜନୈତିକ ଦଳର ନେତା ଓ ବହୁ ପଞ୍ଚାୟତର ପ୍ରତିନିଧି ସାଲେପୁରର କୁଆଁପାଳ ଛକରେ ରାସ୍ତାରୋକ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନ ଦୀର୍ଘ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଚାଲିଥିଲା। ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସାଲେପୁର ପୁଲିସ ୧୫ ଜଣଙ୍କୁ ଗିରଫ କରିବା ପରେ ଛାଡ଼ି ଦେଇଥିବା ଆଇଆଇସି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି। ସହରାଞ୍ଚଳ ବିକାଶ ପରିଷଦ ଅଧ୍ୟକ୍ଷ ନନ୍ଦକିଶୋର



ଭୂୟାଁଙ୍କ ନେତୃତ୍ୱରେ ଆଜିର ଏହି ଆନ୍ଦୋଳନରେ କଂଗ୍ରେସ ସଂଗଠକ ହରିବନ୍ଧୁ ଶତପଥୀ, ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ କର, ଉପସଭାପତି ସେକ୍ ପୀର ବକ୍ସ, ଯୁବ କଂଗ୍ରେସ ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, ସଂଖ୍ୟାଲଘୁ ସେଲ୍‌ଫ ସଭାପତି ମୁସ୍ତାକିମ୍ ଖାଁ, କଟକ ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଆଦିବାସୀ ସେଲ୍‌ଫ ସଭାପତି ହୃଦାନନ୍ଦ ଦେହୁରୀ, ହରେକୃଷ୍ଣ ବେହେରା ଏହି ରାସ୍ତାରୋକରେ ସାମିଲ ହୋଇଥିବାବେଳେ ବିଜେଡି ପକ୍ଷରୁ ବିଜେଡି ନେତା ଦିଲ୍ଲୀପ ଦାଶ, ଚିତ୍ତରଞ୍ଜନ ମହାନ୍ତି, ନବକିଶୋର କର, ସରପଞ୍ଚ ପବିତ୍ର ସାମଲ, ଜ୍ଞାନରଞ୍ଜନ ପଟ୍ଟନାୟକ, ଜୟଦେବ ଷଡ଼ଙ୍ଗୀ, ପ୍ରୀତିରଞ୍ଜନ ମହାନ୍ତି, ଗୁଲରେଜ ଅଲ୍ଲି, ଶ୍ରୀପତୀ ଷଡ଼ଙ୍ଗୀ, କେଦାରନାଥ ସ୍ୱାଇଁ, ସ୍ମୃତିଜିତ୍ ଭୂୟାଁ, ଚନ୍ଦ୍ରକାନ୍ତ କର, ଶିବୁ ବେହେରାଙ୍କ ସମେତ କଂଗ୍ରେସ ଓ ବିଜେଡି ଦଳ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଓ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଅପରପକ୍ଷରେ, ଖୁବ୍‌ଶୀଘ୍ର ଚଳିତ ମାସ ଶେଷ ସୁଦ୍ଧା ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ଓ ଖାଲିପଡ଼ିଥିବା ଡାକ୍ତର ପଦ ସମେତ ବିଭିନ୍ନ ସମସ୍ୟା ସମାଧାନ କରାଯିବ ବୋଲି ଜିଲ୍ଲା ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରାଦେଶିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା, ୧୨।୬(ସମିସ): ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନ ପକ୍ଷରୁ ପ୍ରାଦେଶିକ ଆଚାର୍ଯ୍ୟ/ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଫୁଲନଖରାସ୍ଥିତ ସରସ୍ୱତୀ ଶିଶୁ



ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବର୍ଗ ସଂଯୋଜକ ଉଦ୍ଧବ ମଲ୍ଲିକ ପୌରୋହିତ୍ୟ କରିଥିଲେ। ସାହିତ୍ୟିକ ତଥା ଗୀତିକବି ସ୍ୱାଧୀନଚେତା ମହାନ୍ତି ମୁଖ୍ୟଅତିଥି ଏବଂ ଅନୁଷ୍ଠାନର ପ୍ରାନ୍ତ ନିରୀକ୍ଷକ ବିଜୟ ସ୍ୱାଇଁ, ପ୍ରାନ୍ତ ବିସ୍ତାପକ ଶରତ କୁମାର ପରିଡ଼ା ଓ ବିଦ୍ୟାଳୟର ଉପଦେଷ୍ଟା କାନନ ବିହାରୀ ନାୟକ ଅତିଥି ଭାବରେ ଯୋଗ ଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଷୟଗତ ପରୀକ୍ଷାରେ ଫୁଲନଖରା ସରସ୍ୱତୀ ଶିଶି ବିଦ୍ୟା ମନ୍ଦିରର ଆଚାର୍ଯ୍ୟା ମମତା ନନ୍ଦ ପ୍ରଥମ, ଆଚାର୍ଯ୍ୟ ପତିତପାବନ ମଲ୍ଲିକ ଦ୍ୱିତୀୟ ସ୍ଥାନ ଓ ବାଦାମବାଡି ସରସ୍ୱତୀ ଶିଶୁ ମନ୍ଦିରର ସନ୍ତୋଷ କୁମାର ସାହୁ, ସୁନିତା ବଳ, ତୋରନ୍ଦା ପୁରୁଷୋତ୍ତମ ବିଦ୍ୟାମନ୍ଦିର ଅନ୍ନପୂର୍ଣ୍ଣା ଦାସ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପିରବଜାରସ୍ଥିତ ସୈନିକ ପବ୍ଲିକ୍ ସ୍କୁଲକୁ ୨୦୨୫-୨୬ ଶିକ୍ଷାବର୍ଷର ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସଙ୍ଗୀତା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ସାଗରିକା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଫୁଲନଖରା, ୧୨।୬(ସମିସ): କଟକ ସଦର ଥାନା ଅନ୍ତର୍ଗତ ତେନ୍ତୁଳିନାଳିଠାରେ ଏକ ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ ଘଟିଛି। ମୃତକ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ପୁପୁନ୍ ଭୋଇ। ବାଲିକୁଦା-ତ୍ରିଶୁଳିଆ ରାସ୍ତାରେ ବାଇକ୍‌ରେ ପୁପୁନ୍ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇ ଚାଲି ଯାଇଥିଲା। ପୁପୁନ୍‌ଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଲୋକମାନେ ରୁଷ୍ଟ ହେବା ସହ ରାସ୍ତାରୋକ କରିଥିଲେ। କଟକ ସଦର ଥାନା ପୁଲିସ୍ ଲୋକଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ଲୋକମାନେ ରାସ୍ତା ଅବରୋଧରୁ ଓହରି ନଥିଲେ। ଘଟଣାସ୍ଥଳରେ ଜିଲ୍ଲାପାଳ ନ ପହଞ୍ଚିଲେ ରାସ୍ତାରୋକ ହଟିବ ନାହିଁ ବୋଲି ସ୍ଥାନୀୟ ଲୋକମାନେ କହିଥିଲେ। ପରେ ଏଡିସିପି ରଣଜିତ୍ ପୃଷ୍ଟି, ଜୋନ୍-୪ ଏସିପି ଅମିତାଭ ମହାପାତ୍ର ଓ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ସ୍ଥାନୀୟ ଜନସାଧାରଣ ରାସ୍ତା ପ୍ରଶସ୍ତୀକରଣଠାରୁ ଆରମ୍ଭ କରି ଦିନ ବେଳେ ଉକ୍ତ ରାସ୍ତାରେ ଭାରୀ ଯାନ ଯାତାୟାତକୁ ବିରୋଧ କରିବା କରିଥିଲେ। ଏହାସହ ପୁପୁନ୍‌ଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ।

# ସାଲେପୁର ରଜ ମହୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି

ସାଲେପୁର, ୧୨।୬(ସମିସ): ସାଲେପୁର ରଜ ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସଂଗଠକ ତଥା ସମାଜସେବୀ ହରିବନ୍ଧୁ ଶତପଥୀଙ୍କ ତତ୍ତ୍ୱାବଧାନରେ ସାଲେପୁର ହାଇସ୍କୁଲ ଓ ସନ୍ଧ୍ୟାରେ ମଧୁସୂଦନ ଭବନଠାରେ ୩ ଦିନ ଧରି ସାଲେପୁର ରଜ ମହୋତ୍ସବ ପାଳିତ ହେବ। ଏହି ଅବସରରେ ୧୪, ୧୫ ଓ ୧୬ ତାରିଖରେ ପ୍ରତିଦିନ ସକାଳ ୯ଟାରେ ବିଭିନ୍ନ ପ୍ରକାର ରଜଦୋଳିର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଦିନରେ ରଜପିଠା, ଅଳତା, କୁଙ୍କୁମ, ଝୋଟୀ, ମୁରୁଜ, କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୫ ତାରିଖରେ ରଜ ସୁନ୍ଦରୀ ଚୟନ, ରଜ କବିତା ଏବଂ ସନ୍ଧ୍ୟାରେ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେବ। ସେହିପରି ଶେଷ ରଜରେ ମ୍ୟୁଜିକ୍ ଚେୟାର, ରଜ ସୁନ୍ଦରୀ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ କରି ସାଲେପୁରଠାରେ ସାଲେପୁର ରଜ ମହୋତ୍ସବର ଆୟୋଜନ କରାଯାଉଥିବାରୁ ଏଥିରେ ବହୁ ସଂଖ୍ୟାରେ କଳାକାର ଓ ପ୍ରତିଯୋଗୀ ଯୋଗଦେବେ ବୋଲି ଅନୁମାନ କରାଯାଉଛି।

# ଟାଉନ୍ କ୍ଲବ୍ ପକ୍ଷରୁ ମହୋତ୍ସବ-୨୦୨୬ ପ୍ରସ୍ତୁତି

ଆଠଗଡ଼, ୧୨।୬ (ସମିସ): ସବୁବର୍ଷ ପରି ଚଳିତ ବର୍ଷ ଆଠଗଡ଼ ସହର ସର୍ବପୁରାତନ ସାମାଜିକ ଅନୁଷ୍ଠାନ ଟାଉନ କ୍ଲବ ଆନୁକୂଲ୍ୟରେ ୩ ଦିନ ଧରି ପାଳନ ହେବ ପାରମ୍ପରିକ ରଜ ମହୋତ୍ସବ-୨୦୨୬। ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ଲବର ସଭାପତି ତଥା କଟକ ଜିଲ୍ଲା ବିଜେପି ଗ୍ରାମୀଣ ସଭପତି ରାମନାରାୟଣ ମହାନ୍ତି, ସମ୍ପାଦକ ତଥା ଯୁବ ଉଦ୍ୟୋଗୀ ରଞ୍ଜନ କୁମାର ଦାସ ଓ ସାଂସ୍କୃତିକ ସମ୍ପାଦକ ଆଠଗଡ଼ କ୍ରୀଡା ସଂସଦର ସମ୍ପାଦକ ସୋମନାଥ ଭକ୍ତା ଏନେଇ ସୂଚନା ଦେଇଛନ୍ତି। ଏହି ଅବସରରେ କ୍ଲବ ପ୍ରାଙ୍ଗଣରେ ଗଣପର୍ବ ରଜ ସମ୍ବର୍ଦ୍ଧିତ ବିଭିନ୍ନ ପାରମ୍ପରିକ ଗୀତ, ପୁଚି ଖେଳ, ସଙ୍ଗୀତ ପ୍ରତିଯୋଗିତା ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳ କୃତୀ ସନ୍ତାନମାନଙ୍କୁ ନେଇ ଆଲୋଚନାଚକ୍ର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାସହିତ ରଜପର୍ବରେ ମନୋରଞ୍ଜନ ପାଇଁ ଦୋଳି ଓ ମୀନାବଜାର ଚାଲୁ ରହିବ। ଓଡ଼ିଶା ତଥା ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପ୍ରଶାସନିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ପୁରାତନ ବିଦ୍ୟାର୍ଥୀଙ୍କ ସମାବେଶ

ମାହାଙ୍ଗା, ୧୨।୬(ସମିସ): ମାହାଙ୍ଗା ବ୍ଲକ ନୁର୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୭ ବ୍ୟାଚ ପୁରାତନ ବିଦ୍ୟାର୍ଥୀଙ୍କ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୀର୍ଘ ୨୯ ବର୍ଷ ବିଦ୍ୟାଳୟ ଜୀବନ ସମୟରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରାକ୍ତନ ଶିକ୍ଷକ ଉମାକାନ୍ତ ମହାନ୍ତି, ଶିକ୍ଷକ ପ୍ରଶାନ ପ୍ରଶାନ୍ତ କୁମାର ମହାନ୍ତି ଓ ଚଳିତ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ଟପ୍ପର ଆଶୁତୋଷ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀ ସମରେଶ ପରିଡ଼ା, ଶିବପ୍ରସାଦ ଦାସ, ରୋହିଣୀକାନ୍ତ ସାହୁ, ତାପସ ରଞ୍ଜନ ପଣ୍ଡା, ନସିମ ଅକ୍ତରି, ଜିତେନ୍ଦ୍ର ସାହୁ, ବିନୋଦ ସେଠୀ, ସୁକାନ୍ତ ସାହୁ, ଆଶୁତୋଷ ଜେନା, ମନୋରଞ୍ଜନ ସାହୁ, କ୍ଷୀରବ୍ଧି ତନୟା ସାହୁ, ଦୀପ୍ତିମୟୀ ସେଠୀ, ସୂର୍ଣ୍ଣଲତା ଜେନାଙ୍କ ସମେତ ୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ସ୍ମୃତିସଭା

ଟାଙ୍ଗୀ, ୧୨।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ଗୁରୁଜଙ୍ଗ ଗ୍ରାମର ଧର୍ମପ୍ରାଣା ମହିଳା କୌଶଲ୍ୟା ମହାନ୍ତିଙ୍କ ବିୟୋଗରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସ୍ଥାନୀୟ ସରପଞ୍ଚ ପବିତ୍ର ଉପାଧ୍ୟାୟ, ସମିତି ସଭ୍ୟ



ପ୍ରତିନିଧି ମନୋଜ କୁମାର ବେହେରା, ସମାଜସେବୀ ଗଙ୍ଗାଧର ବେହେରା, ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ, ମିହିର ସାହୁ, ପ୍ରଶାନ୍ତ କୁମାର ବସ୍ତିଆ, ପ୍ରମୋଦ ଜଟ, ଦେବାଶିଷ ପ୍ରଧାନ ଓ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜ୍ୟୋଷ୍ଠ ପୁତ୍ର ମାଧବଚନ୍ଦ୍ର ମହାନ୍ତି କ୍ରିୟା କର୍ମ ସହ ଅତିଥି ଚର୍ଚ୍ଚା କରିଥିବାବେଳେ କନିଷ୍ଠ ପୁତ୍ର ମୋହନ ମହାନ୍ତିଙ୍କ ସମେତ ବନ୍ଧୁ ପରିବାର ବର୍ଗ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ତ୍ରୁଟିପୂର୍ଣ୍ଣ କେନାଲ କଂକ୍ରିଟ ଲାଇନିଂ କାର୍ଯ୍ୟ

# ଚାଷଜମିକୁ ପାଣି ମାଡ଼ିବା ନେଇ ଆଶଙ୍କା

ନିଶ୍ଚିନ୍ତକୋଇଲି, ୧୨।୬(ସମିସ)

ରାଜ୍ୟ ସରକାର କୃଷି ଓ କୃଷକର ବିକାଶ ପାଇଁ ଜମିକୁ ଉପଯୁକ୍ତ ଜଳସେଚନ କରିବା ନିମନ୍ତେ କେନାଲଗୁଡିକୁ କଂକ୍ରିଟ ଲାଇନିଂ କରାଉଛନ୍ତି। ଚାଷ ଜମିକୁ ସହଜରେ ପାଣି ମାଡିବା ଓ କେନାଲର ଶେଷ ମୁଣ୍ଡକୁ ପାଣି ପହଞ୍ଚିବା ଲକ୍ଷ୍ୟ ରଖି ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ହେଲେ ବିଭାଗୀୟ ଯନ୍ତ୍ରୀମାନଙ୍କର ଦୂରଦୃଷ୍ଟି ଅଭାବରୁ ଏହି କେନାଲ କଂକ୍ରିଟ ଲାଇନିଂ କାର୍ଯ୍ୟ ସଠିକ୍ ଢଙ୍ଗରେ କରାଯାଉ ନଥିବାରୁ ଆସନ୍ତା ଖରିଫ ଧାନଚାଷ ପାଇଁ ଚାଷୀମାନଙ୍କ ଚାଷ କ୍ଷେତକୁ ଠିକ୍ ଭାବେ ଜଳସେଚନ ହୋଇପାରିବ ନାହିଁ ବୋଲି ବହୁ ଚାଷୀ ପ୍ରକାଶ କରିଛନ୍ତି। ଫଳରେ ଚଳିତ ବର୍ଷ ଖରିଫ ଧାନଚାଷ ପାଇଁ ଚାଷୀମାନେ ଜଳସେଚନ ପାଇଁ ହଟହଟା ହେବାର ଆଶଙ୍କା ପ୍ରକାଶ ପାଇଛି। ଚାଷ ଜମିର ଉଚ୍ଚତାକୁ ଲକ୍ଷ୍ୟ କରାଯାଇ ତତ୍କାଳୀନ ବ୍ରିଟିଶ ସରକାର କେନାଲଗୁଡିକୁ ଖୋଳି ଜଳସେଚନର ସୁବିଧା କରାଇଥିଲେ। ସେହି ଅମଳରୁ ଜଳସେଚନ କାର୍ଯ୍ୟାଳୟଗୁଡିକରେ କେନାଲଗୁଡିକର ସମତଳ ସ୍ତର(ଲେବୁଲ) ଲିପିବଦ୍ଧ ହୋଇ ରହିଥିବା ବେଳେ ଏହାକୁ ଅନୁସରଣ ନକରି ବର୍ତ୍ତମାନର ଯନ୍ତ୍ରୀମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ଯାହାଦ୍ୱାରା କଂକ୍ରିଟ ଲାଇନିଂ ହୋଇଥିବା କେନାଲଗୁଡିକର ସମତଳ ସ୍ତର ଠିକ୍ ରହୁନାହିଁ। ବର୍ତ୍ତମାନ ଉକ୍ତ କେନାଲ ଚାଷ ଜମିର ବହୁ ତଳେ ରହିଯାଇଛି। କେନାଲ ଲାଇନିଂ କରିବା ସମୟରେ ଯନ୍ତ୍ରୀମାନେ ଗୋଟିଏ ମୁଣ୍ଡରୁ ସାଧାରଣ ଭାବେ ଠିକାଦାରଙ୍କ ସୁବିଧା ମୁତାବକ



ଲେବୁଲ କରି କାର୍ଯ୍ୟ କରୁଥିବାରୁ ଏହା କେନାଲର ତଳ ମୁଣ୍ଡକୁ କ୍ରମଶଃ ଗଭୀର ହୋଇଯାଉଛି। ଯାହାଦ୍ୱାରା କେନାଲର ସମତଳ ସ୍ତରର ବହୁ ଉପରେ ଚାଷ ଜମି ରହିଯାଉଥିବାରୁ କେନାଲରେ ପାଣି ଆସିଲେ ଜମିରେ ମାଡିବା ନେଇ ଆଶଙ୍କା ପ୍ରକାଶ ପାଇଛି। କେନାଲରେ ମାଟିବନ୍ଧ ଥିବା ଅବସ୍ଥାରେ ଚାଷ ଜମିକୁ ପାଣି ଯିବା ପାଇଁ ଯେଉଁସବୁ ସୋଠ ବା ମାହାରା ରହିଥିଲା ଲାଇନିଂ କାର୍ଯ୍ୟ ହେବା ପରେ ସେଗୁଡିକୁ ପୋତି ଦିଆଯାଉଛି।

ଅପରପକ୍ଷରେ ବହୁ କେନାଲ ଗାଁ ଗହଳି ମଧ୍ୟ ଦେଇ ଯାଇଥିବା ବେଳେ ଏହାକୁ ଲାଇନିଂ କରାଯାଇ ଦୁଇ ପାର୍ଶ୍ୱ ବନ୍ଧ କଂକ୍ରିଟ କରାଯାଉଛି। କେନାଲର ବିଭିନ୍ନ ଛକସ୍ଥାନରେ ପୂର୍ବରୁ ଲୋକମାନେ ପାହାଚ ତିଆରି କରୁଥିଲା ବେଳେ ଲାଇନିଂ କାର୍ଯ୍ୟ ହେଉଥିବା ସମୟରେ ସେଗୁଡିକୁ ଭାଙ୍ଗି ନଷ୍ଟ କରିଦିଆଯାଉଥିଲେ ମଧ୍ୟ ନୂତନ ପାହାଚ ତିଆରି କରାଯାଉ ନାହିଁ। ଯଦି ହଠାତ୍ ଏହି କେନାଲ ମଧ୍ୟକୁ ଗାଈଗୋରୁ, ଛେଳିମେଣ୍ଢା, ଛୋଟ ଛୋଟ ପିଲା ଓ ବୃଦ୍ଧବୃଦ୍ଧା ଖସି ପଡନ୍ତି ପାହାଚ ନଥିବାରୁ ସେମାନଙ୍କୁ କେନାଲରୁ ଉଠାଇବା ସମ୍ଭବପର ହେବ ନାହିଁ। କେନାଲ ପାର୍ଶ୍ୱରେ ରାସ୍ତା ରହିଥିବାରୁ ଯାତାୟାତ ସମୟରେ ଯଦି କୌଣସି ସାଇକଲ ବା ବାଇକ ଆରୋହୀ କେନାଲ ମଧ୍ୟକୁ ଖସିଯାଏ ସେମାନଙ୍କୁ ଉଠାଇବା ସମ୍ଭବପର ହେବ ନାହିଁ। ଏଭଳି ସ୍ଥିତିରେ କେନାଲର କଂକ୍ରିଟ ଲାଇନିଂ କାର୍ଯ୍ୟ ଲୋକମାନଙ୍କୁ ବିପଦମୁଖକୁ ଟାଣି ଆଣିବା ନେଇ ଲୋକମାନଙ୍କ ମଧ୍ୟରେ ଯୋରଦାର ଆଲୋଚନା ହେଉଛି। ଯନ୍ତ୍ରୀମାନଙ୍କର ତ୍ରୁଟି ପାଇଁ ସରକାର ଯେଉଁ ଲକ୍ଷ୍ୟ ନେଇ କଂକ୍ରିଟ ଲାଇନିଂ କାର୍ଯ୍ୟ କରୁଛନ୍ତି ତାହା ଫଳବ୍ରତୀ ହୋଇ ପାରିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଭଳି ସ୍ଥିତିରେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।



ଜମିବ ରଜ

# ଏଥର ୫ଲକ୍ଷର ପୋଡ଼ ପିଠା ବିକ୍ରି ଲକ୍ଷ୍ୟ

କଟକ, ୧୨।୬(ସମିସ)

ଆଉ ଦିନକ ପରେ ରଜ ପର୍ବ। ଆସନ୍ତାକାଲି ଶନିବାସର ସଜବାଜ। ଭାଇଚାରାର ସହର କଟକରେ ରଜ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଆରମ୍ଭ ହୋଇଛି

## ପାନ୍ଥନିବାସ, ସିଲଭର୍‌ସିଟି ଓ ତାଳଦଣ୍ଡା ବୋଟିଂ କ୍ଲବ୍‌ରେ ପସରା

ପ୍ରସ୍ତୁତି। କଟକ ସହର ବେଶ୍ ଗହଳ ଚହଳ ହୋଇପଡ଼ିଛି। ଆସନ୍ତା ରବିବାର ପହିଲି ରଜର ସକାଳ ବିଭିନ୍ନ ରକମର ପିଠା ବିଶେଷକରି ପୋଡପିଠାର ବାସ୍ନାରେ ମହକିବ। ଏଥିପାଇଁ କଟକ ସହରର କେତେକ ଅନୁଷ୍ଠାନ ସମେତ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ବ୍ୟାପକ ପ୍ରସ୍ତୁତି କରିଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧୀନରେ ରହିଥିବା କଟକ ପାନ୍ଥନିବାସ ପକ୍ଷରୁ ରଜ ପର୍ବକୁ ବିଭିନ୍ନ କିସମର ପିଠାରେ ସ୍ୱାଗତ କରିବା ପାଇଁ




ଚାଲିଛି ଜୋରଦାର ପ୍ରସ୍ତୁତି। ଚଳିତ ବର୍ଷର ରଜ ପର୍ବ ଅବସରରେ ମଣ୍ଡା, ଆରିସା, ପୋଡ ପିଠା, କାକରା, ଗଜା ଆଦି ପିଠା ପ୍ରସ୍ତୁତ କରାଯାଉଛି। ପାନ୍ଥନିବାସ ସମେତ ସିଲଭରସିଟି ବୋଟ କ୍ଲବ ଓ ତାଳଦଣ୍ଡା ବୋଟ କ୍ଲବ ଆଦି ତିନିଟି ସ୍ଥାନରେ ବିକ୍ରି କରାଯିବ ବୋଲି ଜଣାପଡ଼ିଛି। ଗ୍ରାହକମାନେ ଏଠାରେ ବସି ଖାଇପାରିବେ ଓ ଘରକୁ ବି କିଣି କରି ନେଇପାରିବେ ବୋଲି କହନ୍ତି ପାନ୍ଥନିବାସର ପରିଚାଳକ ଅରୁଣ କୁମାର ଜେନା। ପହିଲି ରଜ ଦିନ ପ୍ରତ୍ୟେକ ଓଡିଆଙ୍କ ଘରେ ପୋଡ ପିଠା ହୋଇଥାଏ। କଟକରେ ମଧ ବିଭିନ୍ନ ସ୍ଥାନରେ ପୋଡ ପିଠା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ପାନ୍ଥନିବାସ ପକ୍ଷରୁ ଏଭଳି ପିଠା ପ୍ରଦର୍ଶନୀ ଓ ବିକ୍ରି କରାଯିବା ସହ ଦୋଳିର ବନ୍ଦୋବସ୍ତ କରାଯାଇଛି। ପାନ୍ଥନିବାସରେ ଏଥର ପ୍ରାୟ ୫ଲକ୍ଷ ଟଙ୍କାର ପିଠା ବିକ୍ରି କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ପିଠାଗୁଡିକ ମଧ୍ୟରେ ପୋଡ଼ ପିଠା ଓ ଆରିସା ପିଠାର ବେଶୀ ଚାହିଦା ରହିଥାଏ। ଏଥର ପୋଡ଼ ପିଠା କିଲୋ ୪୦୦ ଟଙ୍କା ରହିଥିବା ବେଳେ ମଣ୍ଡା, ଆରିସା ଓ କାକରା ଆଦି ଗୋଟା ୨୦ ଟଙ୍କା ରହିଛି। ପୋଡ ପିଠା ଘରେ ତିଆରି ନକରି ପ୍ରତିବର୍ଷ କେତେକ ଲୋକ ପାନ୍ଥନିବାସରୁ ଯାଇ କିଣିଥାନ୍ତି। ସେହିଭଳି ଯେଉଁ ଗ୍ରାହକ ପୋଡପିଠା ନେବାକୁ ଚାହିଁବେ ସେମାନେ ପାନ୍ଥନିବାସକୁ ଅଗ୍ରୀମ ଆଦେଶ ଦେଇପାରିବେ ବୋଲି କୁହାଯାଇଛି। ସେହିଭଳି କଟକ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୋଡପିଠା ପ୍ରତିଯୋଗିତା ଓ ପ୍ରଦର୍ଶନୀର ଆୟୋଜନ କରାଯାଇଥିବା ଜଣାପଡ଼ିଛି।

## ସୋଆରେ ରଜ ପିଠା ପ୍ରତିଯୋଗିତା



ଭୁବନେଶ୍ୱର, ୧୨।୬(ସମିସ): ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ସୋଆ ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚ୍‌ଏମ୍) ପକ୍ଷରୁ ଶୁକ୍ରବାର ରଜ ପିଠା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ୩୦ଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ପ୍ରକାରର ପୋଡପିଠା ଯଥା ସପୁରୀ ଚାଉଳ ପୋଡପିଠା, କଖାରୁ ପୋଡପିଠା, ବୁଢା ଚକୁଳି, ଛେନାମଣ୍ଡା, ବିରି ଖଜା, ସୋୟାବିନ୍ ଛୁଙ୍କ, ଜାମୁକୋଳି ଚିତଉ ପିଠା, ଆମ୍ବ କାକରା, ଚନ୍ଦ୍ରକାନ୍ତି, ସୁଜି ସିଝା ମଣ୍ଡା, ପୁରଦିଆ ମଣ୍ଡା, ସୁଜି କାକରା, ଗୁଡ଼ ଓ ଚିନି ଆରିଷା ପିଠା, ପାଲୁଅ ମଣ୍ଡା, କ୍ଷୀର ଗଇଁଠା ଭଳି ଅନେକ ପ୍ରକାରର ପିଠା ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଚାରକ ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି, ଲାଇଫ୍ ହୋଟେଲ ଭୁବନେଶ୍ୱରର ଏଚ୍‌ଆର ହେଡ୍ ଜଚ୍ଛିନ୍ଦର ଜେନା, ସେଫ୍ ସତ୍ୟସୌଭନ ଲେଙ୍କା ଓ ପ୍ରଫେସର ପତିତପାବନ ଲେଙ୍କା ବିଚାରକ ଭାବେ ଯୋଗଦେଇ ଖାଦ୍ୟର ମାନ ନିରୂପଣ କରିଥିଲେ। ପ୍ରତିଯୋଗିତାରେ ପ୍ରତିଯୋଗୀ ମାନଙ୍କର ଖାଦ୍ୟର ସ୍ୱାଦ, ପ୍ରସ୍ତୁତି, ରୂପ, ପରିବେଷଣ ଓ ଭିନ୍ନତାକୁ ନେଇ ବିଚାର କରାଯାଇଥିଲା। ସୋଆ ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଯୋଗଦେଇ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ଚଇନି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ କାର୍ଯ୍ୟକ୍ରମ ସଂଯୋଜକ ତଥା ଏସ୍‌ଏଚ୍‌ଏମ୍‌ର ପ୍ରଫେସର ଡ. ସ୍ମିତା ସୁଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲା ଇଏସଆଇସି ମଡେଲ ହସ୍ପିଟାଲ ପରିଦର୍ଶନ କଲେ ଇଏସଆଇସି ବୀମା ଆୟୁକ୍ତ

ଭୁବନେଶ୍ୱର, ୧୨।୬(ସମିସ): ଇଏସଆଇସିର ପୂର୍ବ ଓ ଉତ୍ତର-ପୂର୍ବ ମଣ୍ଡଳର ବୀମା ଆୟୁକ୍ତ ପ୍ରଣୟ ସିହ୍ନା ରାଉରକେଲା ଇଏସଆଇସି ମଡେଲ ହସ୍ପିଟାଲ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହିତ ଇଏସଆଇସ ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ, ରାଜ୍ୟ ଚିକିତ୍ସା ଅଧିକାରୀ ଡା. ଆଭା ତିର୍କୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଭାରପ୍ରାପ୍ତ) ସନ୍ଦୀପ ଗୋଏଲ ଏବଂ ଜୋନାଲ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଅଭିଷେକ କୁମାର ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ଶ୍ରୀ ସିହ୍ନା ହସ୍ପିଟାଲର ବିଭିନ୍ନ ୱାର୍ଡ ପରିଦର୍ଶନ କରି ରୋଗୀମାନଙ୍କ ସହ ଆଲୋଚନା କରିଥିଲେ। ହସ୍ପିଟାଲକୁ ୫୦ ଶଯ୍ୟାରୁ ୧୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଉନ୍ନତ କରିବା କାମ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ପରିଦର୍ଶନ ଅବସରରେ ଶ୍ରୀ ସିହ୍ନା ହସ୍ପିଟାଲ ପରିସରର ବୃକ୍ଷରୋପଣ କରିଥିଲେ।



## ଆରାଧନା ଏକାଡେମୀ ପକ୍ଷରୁ ନୃତ୍ୟ ସଙ୍ଗୀତ ପ୍ରତିଭା ସମାରୋହ




ଭୁବନେଶ୍ୱର, ୧୨।୬(ସମିସ): ଆରାଧନା ଏକାଡେମୀ ଦ୍ୱାରା ନୃତ୍ୟ ସଙ୍ଗୀତ ପ୍ରତିଭା ସମାରୋହ ୨୦୨୬ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଉତ୍ସବର ପ୍ରଥମ ଅଧିବେଶନରେ ଅତିଥି ଭାବେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ଏବଂ ସମାଜସେବୀ ପ୍ରଶାନ୍ତ କୁମାର ମିଶ୍ର ଯୋଗ ଦେଇଥିଲେ। ସକାଳ କାର୍ଯ୍ୟକ୍ରମର ପ୍ରଥମ ପ୍ରସ୍ତୁତିରେ ସମବେତ କଣ୍ଠ ସଙ୍ଗୀତ, ଟିକି ଟିକି ଫୁଲ ଆମେ ଖୁସିର ଜୁଆରେ ଦୁନିଆରେ ଆମେ ଖୁସି ବୁଣିବା ପରିବେଷଣ ହୋଇଥିଲା। ଅନୁଷ୍ଠାନର ପ୍ରତିଭାନ୍ୱିତ ଶିଳ୍ପୀମାନଙ୍କ ଦ୍ୱାରା ଏହାକୁ ପରିବେଷଣ କରାଯାଇଥିଲା। ସଂଧ୍ୟା କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ପ୍ରଫେସର ରାମହରି ଦାସ ଏବଂ ବକ୍ତାଭାବେ ଅବସର ପ୍ରାପ୍ତ ଅତିରିକ୍ତ ଶାସନ ସଚିବ କୃପାସିନ୍ଧୁ ମିଶ୍ର ଯୋଗ ଦେଇଥିଲେ। ତବଲା ବାଦକ ଗୁରୁ ଅଜୟ କୁମାର ଚୌଧୁରୀଙ୍କୁ ଏ ବର୍ଷର 'ଆରାଧନା ସମ୍ମାନ' ୨୦୨୬ ରେ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ପ୍ରଦୀପ୍ତ କିଶୋର ସ୍ୱାଇଁ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନୁଷ୍ଠାନର ଟ୍ରଷ୍ଟି ସ୍ୱପ୍ନାରାଣୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଝରଣା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୧୨।୬(ସମିସ): ଝରଣା ସାହିତ୍ୟ ସଂସଦ ତରଫରୁ ଝରଣା ପତ୍ରିକାର ସମ୍ପାଦକ ତଥା ଗାଳ୍ପିକ ମନୋଜ କୁମାର ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଛି। ଆଲୋଚନାର ବିଷୟବସ୍ତୁ ଥିଲା 'ବ୍ୟାସକବି ଫକୀର ମୋହନ ସେନାପତି'। ସଭାର ଆରମ୍ଭରେ ଝରଣାର ସମ୍ପାଦକ ମନୋଜ କୁମାର ଜେନା ସ୍ୱାଗତ ଭାଷଣ ଦେବା ସହ ଯୁଗସ୍ରଷ୍ଟା ଫକୀର ମୋହନଙ୍କ ସାରସ୍ୱତ କୃତି ସମ୍ବନ୍ଧରେ ଆଲୋଚନା କରିଥିଲେ। ବକ୍ତା ଭାବରେ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ବ୍ୟାସକବି ଫକୀର ମୋହନଙ୍କ କବିତ୍ୱ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସାହିତ୍ୟିକା ଡ. ଶକୁନ୍ତଳା ବଳିୟାରସିଂହ, ଡ. ରମେଶ ଚନ୍ଦ୍ର ପାଣି ମଧ ବ୍ୟାସକବିଙ୍କର ଓଡ଼ିଆ ସାହିତ୍ୟକୁ ଅବଦାନ ବିଷୟରେ ଆଲୋଚନା କରିଥିଲେ।




ଏହି ଅବସରରେ ସାହିତ୍ୟିକା ଡ. ମନିକା ଦାଶଙ୍କ ତରଫରୁ ଫକୀର ମୋହନଙ୍କର ଏକ ନୂତନ ଫଟୋଗ୍ରାଫ ଉଦଘାଟିତ ହୋଇଥିଲା। ଫକୀର ମୋହନଙ୍କ ପ୍ରତି ସେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆରମ୍ଭରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ କାନନ ବାଳା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## 'ମିଠା ମିଠା ଗପ'ରେ ରଜର ମଉଜ

## ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ଫେୟାର ମଞ୍ଚରେ ଗପ ଆସର



ଭୁବନେଶ୍ୱର, ୧୨।୬(ସମିସ): ରଜର ଆଗମନ ସହ ସାରା ପରିବେଶରେ ଖେଳିଯାଇଛି ଉତ୍ସବର ମହକ। ସେହି ରଜ ମଉଜକୁ ଆଉ ଅଧିକ ସଜୀବ କରିଥିଲା ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ 'ମିଠା ମିଠା ଗପ' କାର୍ଯ୍ୟକ୍ରମ। ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ଫେୟାର ସନ୍ଧ୍ୟାରେ ଜମିଥିଲା ଗପର ଆସର। ଓଡ଼ିଶା ଷ୍ଟୋରୀ ଟେଲର୍ସ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ଅନେକ କଥାକାର ଓ ଶ୍ରୋତା ଏକାଠି ହୋଇ ଡିଜିଟାଲ୍ ଦୁନିଆ ଭିତରେ ହଜିଯାଉଥିବା ଗପ କହିବା ପରମ୍ପରାକୁ ପୁଣିଥରେ ଜୀବନ୍ତ କରିଥିଲେ। ଛୋଟ ଛୋଟ ପିଲାଙ୍କୁ ଠାରୁ ବୟସ୍କ ପର୍ଯ୍ୟନ୍ତ ଶ୍ରୋତାଙ୍କ ମଧ୍ୟରେ ଗପ ଶୁଣିବାକୁ ବେଶ୍ ଉତ୍କଣ୍ଠା ଭରିଯାଇଥିଲା। ଷ୍ଟୋରିଟେଲର୍ସ ଅନୀତା, ତପସ୍ୱିନୀ, ପ୍ରତ୍ୟୁଷା, ବିଦ୍ୟୁତଲତା, ଅନୁଜ ଓ ଶିଶୁ କଥାକାର ଆନ୍ୱୀ ନିଜ ନିଜ ଶୈଳୀରେ ରଜକୁ ନେଇ ଗପ ଶୁଣାଇଥିଲେ। କେଉଁଥିରେ ଗାଁ ଦାଣ୍ଡର ଦୋଳି ତ ଆଉ କେଉଁ ଗପରେ ରହିଥିଲା ପୋଡ଼ ପିଠାର ବାସ୍ନା ଓ ରଜପାନର ମଠା ସ୍ୱାଦ। ଗପ ଭିତରେ ଜୀବନ୍ତ ହୋଇଉଠିଥିଲା ଓଡ଼ିଆ ଘରର ରଜ ପର୍ବର ଆତ୍ମୀୟତା ଓ ଉତ୍ସାହ। ଯାହାକି ଗାଁ ତୋଟାର ଦୋଳି, ସଜବାଜ, ସାଙ୍ଗସାଥୀଙ୍କ ହସଖୁସି ଓ ପର୍ବର ପାରମ୍ପରିକ ରଜ ଗପ ମାଧ୍ୟମରେ ଗାଁର ସ୍ମୃତିକୁ ମନେପକାଇଥିଲା। କାର୍ଯ୍ୟକ୍ରମର ଅନ୍ୟ ଆକର୍ଷଣ ଥିଲା ଶିଶୁ କଥାକାରଙ୍କ ଗ୍ରୁପ୍ ଷ୍ଟୋରିଟେଲିଂ। ରଜ ପର୍ବକୁ ନିଆରା ଢଙ୍ଗରେ ପାଳନ କରିବା ସହ ଓଡ଼ିଶାର ଲୋକସଂସ୍କୃତି ଓ ଗପ କହିବା ପରମ୍ପରାକୁ ନୂଆ ପିଢ଼ୀ ସହ ଯୋଡ଼ିବା ଦିଗରେ ଏହି ଆୟୋଜନ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଷ୍ଟୋରିଟେଲର୍ସ ଫାଉଣ୍ଡେସନ୍‌ର ମୀରା ଝଞ୍ଜା ଦାସ, ସବିତା ପଟ୍ଟନାୟକ, ଅମିୟ ପଟ୍ଟନାୟକ, ଗୌର ଦାସ, ସମ୍ପଦ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ତିନି ଦିନିଆ 'ଯୁବ ସଂସ୍କାର ନିର୍ମାଣ ଶିବିର



ଭୁବନେଶ୍ୱର, ୧୨।୬(ସମିସ): ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶା ପ୍ରାନ୍ତର ନୂଆପଲ୍ଲୀ ଯୋଗ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଇନ୍ଦ୍ରଧନୁ ପାର୍କଠାରେ ଆୟୋଜିତ ତିନି ଦିନିଆ 'ଯୁବ ସଂସ୍କାର ନିର୍ମାଣ ଶିବିର' ସଫଳତାର ସହ ସମାପ୍ତ ହୋଇଛି। ଶିବିରରେ ୮ ରୁ ୧୫ ବର୍ଷ ବୟସର ପ୍ରାୟ ୬୦ଜଣ ରୁ ଉର୍ଦ୍ଧ୍ୱ ଶିଶୁ ଓ କିଶୋର-କିଶୋରୀ ଅଂଶଗ୍ରହଣ କରିଥିଲେ। ତିନି ଦିନ ଧରି ଏହି ଶିବିରରେ ଯୋଗାଭ୍ୟାସ, ସଂସ୍କାର ପରମ୍ପରା, ଏବଂ ନୈତିକ ଶିକ୍ଷା ଦିଆଯାଇଥିଲା। ପରିବେଶ ସୁରକ୍ଷା, ଶୃଙ୍ଖଳା, ଉପରେ ମଧ ଆଲୋଚନା କରାଯାଇଥିଲା। ଗଳ୍ପ ମାଧ୍ୟମରେ ସେମାନଙ୍କ ମଧ୍ୟରେ ଉତ୍ତମ ଗୁଣର ପରିଭାଷାକୁ ହୃଦୟଙ୍ଗମ କରାଯିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଇନ୍ଦ୍ରଧନୁ ପାର୍କସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷକ କିଶୋର ଚରଣ ପରିଡ଼ା ପ୍ରମୁଖ ଭୂମିକା ନେଇଥିଲେ। ନୂଆପଲ୍ଲୀ ଯୋଗ ଜିଲ୍ଲାର ଅଧିକାରୀମାନେ ପିଲାମାନଙ୍କ ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ପୁରସ୍କାର ମଧ ବଣ୍ଟନ କରିଥିଲେ।

## 'ଗୀତି କବିତା ସମଗ୍ର' ଉନ୍ମୋଚିତ



ଭୁବନେଶ୍ୱର, ୧୨।୬(ସମିସ): ବନଫୁଲ ପ୍ରକାଶିତ କବି ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ଗୀତି କବିତା ସମଗ୍ର' ପୁସ୍ତକ ଶୁକ୍ରବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସଭା କକ୍ଷରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକ ଉନ୍ମୋଚନ ପର୍ବରେ କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ପୂର୍ବାଞ୍ଚଳ ମୁଖ୍ୟ ଡା. ମିହିର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟକ ଦାଶ ବେନହୁର, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ଶିଳ୍ପୀ ଡା. ଜେନାମଣି ସଞ୍ଜୀବ କୁମାର, ସମ୍ମାନିତ ବକ୍ତା ଭାବେ ସୁପ୍ରତିଷ୍ଠିତା ଗାଳ୍ପିକା ଡା. ଜୟନ୍ତୀ ରଥ ଯୋଗ ଦେଇ ଡା. ବିଶ୍ୱାଳ ମହାପାତ୍ରଙ୍କ ଗୀତି କବିତା ସାମ୍ରାଜ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଲେଖକୀୟ ଅଭିବ୍ୟକ୍ତି ଡା. ମନୋରମା ବିଶ୍ୱାଳ ମହାପାତ୍ର ଓ ବନଫୁଲର ନିର୍ଦ୍ଦେଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ପ୍ରକଶକୀୟ ବକ୍ତବ୍ୟ ରଖିଥିଲେ।

## ଶ୍ରମ ବିଭାଗ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

# ପୋଷ୍ଟର ଉନ୍ମୋଚିତ, 'ଶିଶୁ ଶ୍ରମ ନିରାକରଣ ରଥ'ର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୬(ସମିସ):ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ (ୱାର୍ଲ୍ଡ ଡେ ଏଗେନ୍‌ଷ୍ଟ ଚାଇଲ୍ଡ ଲେବର୍) ଅବସରରେ ଖାରବେଳ ନଗରସ୍ଥିତ ଶ୍ରମ ନିର୍ଦ୍ଦେଶାଳୟ ପରିସରରେ ଶିଶୁ ଶ୍ରମ ବିରୋଧୀ ପୋଷ୍ଟର ଉନ୍ମୋଚିତ ହୋଇଯାଇଛି। ଏହାସହ ଏକ ପକ୍ଷବ୍ୟାପୀ ଶିଶୁ ଶ୍ରମ ବିରୋଧୀ ସଚେତନତା ଅଭିଯାନ ସ୍ୱରୂପ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସଚେତନତା ବୃଦ୍ଧି କରିବା ପାଇଁ 'ଶିଶୁ ଶ୍ରମ ନିରାକରଣ ରଥ'ର ମଧ ଶୁଭାରମ୍ଭ କରାଯାଇଛି। ଯାହା ୨୬ ଜୁନ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଏହାକୁ ଉନ୍ମୋଚନ କରି, ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ



ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଶିଶୁ ଶ୍ରମିକ ପ୍ରଥା ଦୂରୀକରଣ ଏକ ବହୁ-ସ୍ତରୀୟ ପ୍ରୟାସ। ତେଣୁ ଏଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଆବଶ୍ୟକ। ଶିଶୁ ଅଧିକାର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହିତ ସମନ୍ୱୟକୁ ଆହୁରି ସୁଦୃଢ଼ କରାଯାଇଛି। ଓଡ଼ିଶାକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ସ୍ତରରେ ରାଲି, ପ୍ରବର୍ତ୍ତନ ଅଧିକାରୀ ମାନଙ୍କ ବୈଠକ, ଚଢ଼ାଉ ଓ ଉଦ୍ଧାର କାର୍ଯ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଶିଶୁ ଶ୍ରମ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସଚେତନ କରିବା ଭଳି କାର୍ଯ୍ୟକ୍ରମ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ଏହି ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ପିପୁଲ୍ସ କଲ୍‌ଚରାଲ୍ ସେଣ୍ଟର, କମ୍ୟୁନିଟି ରେଡିଓ ଆସୋସିଏସନ୍, ଇଣ୍ଟରନ୍ୟାସନାଲ୍ ଜଷ୍ଟିସ୍ ମିଶନ୍, ରୁଚିକା ସୋସିଆଲ୍ ସର୍ଭିସ୍ ଅର୍ଗାନାଇଜେସନ୍ ଏବଂ କ୍ୟାମ୍ପେନ୍ ଏଗେନ୍‌ଷ୍ଟ ଚାଇଲ୍ଡ ଲେବର୍ (ସିଏସିଏଲ୍)ର ପ୍ରତିନିଧିମାନଙ୍କ ସହ ଶ୍ରମ ନିର୍ଦ୍ଦେଶାଳୟ ଏବଂ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧାର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ



ଭୁବନେଶ୍ୱର, ୧୨।୬(ସମିସ): ଶିଶୁଶ୍ରମିକ ମୁକ୍ତ ଓଡ଼ିଶା ଗଠନ ଦିଗରେ ପ୍ରତ୍ୟେକସ୍ତରରେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି। ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ତଥା ଶିଶୁ କୈନ୍ଦ୍ରିକ ପରିବେଶ ଗଠନ ଦିଗରେ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ଜରୁରୀ ବୋଲି ଆକ୍ସନ ଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବକାଶରେ ଶିଖରଚଣ୍ଡୀ ନଗରଠାରେ ମତ ପ୍ରକାଶ ପାଇଛି। ପ୍ରତ୍ୟେକ ଶିଶୁର ସୁରକ୍ଷିତ ଭବିଷ୍ୟତ ପାଇଁ ପିତାମାତାଙ୍କ ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ଚନ୍ଦ୍ର ପ୍ରଧାନ ଓ ଶିବ ସାହୁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା କଲ୍ୟାଣୀ ରାଉତ ପ୍ରଦାନ କରିଥିବା ବେଳେ, ସ୍ୱର୍ଣ୍ଣପ୍ରିୟା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

